## ମାସ୍କ ପିନ୍ଧି ନ ଥିବା ଲୋକଙ୍କୁ ଜରିମାନା

ଟିକିରି,(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିରେ ବସୁଥିବା ସାପ୍ତାହିକ ହାଟରେ ଶୁକ୍ରବାର ଭିଡ଼ ଜମିଥିଲା। ଏହାକୁ ଦୃଷ୍ଟିରେ ରଖି ଟିକିରି ଥାନାଧିକାରୀ ବନ୍ଦନା ନାୟକ ଏବଂ ପୋଲିସ ଟିମ୍ ହାଟ ନିକଟରେ ଉପସ୍ଥିତ ରହି ଭିଡ଼କୁ ନିୟନ୍ତ୍ରଣ କରିବା ସହ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିଥିଲେ। ଏଥିସହ ଲୋକଙ୍କୁ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରଖିବାକୁ ସଚେତନ କରିଥିଲେ। ସେହିପରି କେତେଜଣ ଲୋକ ହେଲ୍‌ମେଟ ବ୍ୟବହାର କରୁ ନ ଥିବାରୁ ସେମାନଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିଲା। ବାହାରକୁ ବାହାରିବା ସମୟରେ ମାସ୍କ ବାଧ୍ୟତାମୂଳକ ପିନ୍ଧିବାକୁ ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା।

## ସଂକ୍ଷେପରେ

### ଚଳନ୍ତା ବାଇକ୍‌ରେ ନିଆଁଲାଗି ଚାଳକ ଗୁରୁତର

କୋଡିଙ୍ଗା, ୧୯।୩(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ଡେଙ୍ଗାଗୁଡ଼ା-ମୋକିଆ ମୁଖ୍ୟ ରାସ୍ତା ବୁଲାଣିରେ ଏକ ଚଳନ୍ତା ବାଇକ୍‌ରେ ନିଆଁ ଲାଗିଯିବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବିରିଗୁଡ଼ା ଗ୍ରାମର ଗେନୁଆ ଜାନି(୪୫)। ସୂଚନା ଅନୁଯାୟୀ, ଗେନୁଆ ତାଙ୍କ ସାଙ୍ଗ ପଦମ ସହ ରାଶନ ସାମଗ୍ରୀ ନେବାକୁ ଡେଙ୍ଗାଗୁଡ଼ାକୁ ଆସିଥିଲେ। ମୋକିଆ ଛକରେ ହଠାତ୍ ତାଙ୍କ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ଗାଡି ଛାଡିବା ଭିତରେ ଗେନୁଆଙ୍କ ଗୋଡରେ ନିଆଁ ଲାଗି ଯାଇଥିଲା। ଏଥିରେ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କୋଡିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରିଛି।

### ଦାୟିତ୍ୱ ନେଲେ ଡିଆର୍‌ଡିଏ ପିଡି



ରାୟଗଡ଼ା ଅଫିସ,୧୯।୩- ରାୟଗଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ)ର ନ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ(ପିଡି)ଭାବେ ମହେଶ୍ୱର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାନୁୟାରୀ ୬ରେ ରାୟଗଡ଼ା ପିଡି ଥିବା ଅମ୍ରିତ୍ ଋତୁରାଜଙ୍କ ବଦଳି ପରେ ଏହି ପଦ ଖାଲି ପଡ଼ିଥିଲା। ଅତିରିକ୍ତ ପିଡି ଭୀମସେନ ଶବର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ନୂତନ ପିଡି ନାୟକ ହେଉଛନ୍ତି ୧୯୯୭ ବ୍ୟାଚ୍ ଓଏଏସ୍ ଅଫିସର। ସେ ଏଥିପୂର୍ବରୁ କୋରାପୁଟ ଡିଆର୍‌ଡିଏ ଅତିରିକ୍ତ ପିଡି ଭାବରେ କାର୍ଯ୍ୟ ତୁଲାଉଥଲେ। ଅନ୍ୟପକ୍ଷରେ ଖାଲି ପଦବୀ ପୂରଣ ପରେ ରାୟଗଡ଼ା ଜିଲାରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା ପ୍ରକାଶ ପାଇଛି।

### ଶ୍ରୀକ୍ରିଷ୍ଣା ଫୁଏଲ୍‌ସ୍‌କୁ ଶ୍ରେଷ୍ଠ ବିକ୍ରେତା ପୁରସ୍କାର




ମୁନିଗୁଡ଼ା,୧୯।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଶ୍ରୀକ୍ରିଷ୍ଣା ଫୁଏଲ୍‌ସକୁ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟର ଶ୍ରେଷ୍ଠ ଖୁଚୁରା ବିକ୍ରେତା ପୁରସ୍କାର ମିଳିଛି। ଭୁବନେଶ୍ୱରସ୍ଥିତ ମେ ଫେୟାର ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ପେଟ୍ରୋଲିୟମ୍ ପକ୍ଷରୁ ଏହି ପୁରସ୍କାର ଶ୍ରୀକ୍ରିଷ୍ଣା ଫୁଏଲ୍‌ସର ମୁଖ୍ୟ ବ୍ୟବସ୍ଥାପକ ବି. ଉମାଶାଙ୍କର ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଭାରତ ପେଟ୍ରୋଲିୟମର ଆଞ୍ଚଳିକ ପ୍ରବନ୍ଧକ ରାଜୀବ କୁମାର, ବିଡିଏମ୍ ରାଜେନ କୁମାର ଶାହା, ପ୍ରବନ୍ଧକ ମୟୁର ମେହେଟା, ସୁକେଶ ବୀରୁମ୍,ସେଲ୍‌ସ ଅଫିସର (ଲୁବ୍ରିକାଣ୍ଟ)ଶଶୀଜୀ ବର୍ମା, ଦୀପକ ରଜାକ୍ ପ୍ରମୁଖ ଉପସ୍ଥିତ ରହି ଉମାଶଙ୍କରଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଭାରତ ପେଟ୍ରୋଲିୟମ୍‌ର ଡିଲର୍ ଉପସ୍ଥିତ ଥିଲେ।

# ୩ ଦିନ ହେଲା ଜଳୁଛି କାଳିପଙ୍ଗା ଜଙ୍ଗଲ

ବିଷମକଟକ,୧୯।୩

- ନିଆଁ ଲଗାଇବା ଲୋକଙ୍କ ସୂଚନା ଦେଲେ ପୁରସ୍କାର
- ଦିନ ରାତି ଏକ କରିଛନ୍ତି ବନ ବିଭାଗ କର୍ମଚାରୀ
- ସବୁ ବର୍ଗର ଲୋକ ଆଗେଇ ଆସିବାକୁ ଜିଲାପାଳଙ୍କ ଆହ୍ୱାନ


କାଳିପଙ୍ଗା ଜଙ୍ଗଲ ।

ରାୟଗଡ଼ା ଜିଲା ମୁନିଗୁଡ଼ା ବନାଞ୍ଚଳ ଅଧୀନ ବିଷମକଟକ ଚଞ୍ଚରାଗୁଡ଼ା ପଞ୍ଚାୟତର କାଳିପଙ୍ଗା ଜଙ୍ଗଲ ୩ ଦିନ ହେଲା ଜଳୁଛି। ଜିଲା ପ୍ରଶାସନର ନିର୍ଦ୍ଦେଶରେ ବନ ବିଭାଗ ଅଗ୍ନିଶମ ବିଭାଗ ସହଯୋଗରେ ନିଆଁ ଲିଭାଇବା ପାଇଁ ଦିନ ରାତି ଏକ କରିଛନ୍ତି। ତଥାପି ନିଆଁ ଆୟତ୍ତ କରିବା ସମ୍ଭବ ହେଉନି। ତେବେ ଏହି ନିଆଁ ପ୍ରାକୃତିକ ନୁହେଁ ବରଂ ମନୁଷ୍ୟକୃତ। ଯେତେ ସଚେତନ କଲେ ମଧ୍ୟ ଲୋକେ କୌଣସି ପ୍ରକାରେ ନିଆଁ ଲାଗାଉଛନ୍ତି। ତେଣୁ ନିଆଁ ଲଗାଉଥିବା ଲୋକଙ୍କୁ ଧରିବାକୁ ବନ ବିଭାଗ ପକ୍ଷରୁ ଧରପଗଡ଼ ଚାଲିଛି। ଅନେକ ସ୍ଥାନରେ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯାଇ ଦିନ ଏବଂ ରାତିରେ ଜଙ୍ଗଲ ଉପରେ ନଜର ରଖାଯାଉଛି। ସେହିପରି ନିଆଁଲିଭା କାର୍ଯ୍ୟରେ ଅନେକ ସ୍ଥାନରେ ଗ୍ରାମବାସୀ ସ୍ୱେଚ୍ଛାକୃତଭାବେ ଆଗକୁ ଆସି ବିଭାଗକୁ ସହଯୋଗ କରୁଛନ୍ତି। ଏହା ଦେଖି ସ୍ୱେଚ୍ଛାକୃତଭାବେ ନିଆଁଲିଭା କାର୍ଯ୍ୟରେ ସହଯୋଗ କରୁଥିବା ଲୋକଙ୍କୁ ପାରିଶ୍ରମିକ ଦେବାକୁ ଘୋଷଣା କରାଯାଇଛି। ସେହିପରି ନିଆଁ ଲଗାଉଥିବା ଲୋକଙ୍କ ବିଷୟରେ ସୂଚନା ଦେଲେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ଲଗାଇବା ଜଣାପଡ଼ିଲେ ୭ ବର୍ଷ ଜେଲ୍(ଜାମିନ ବିହୀନ) ଏବଂ ୧୦ହଜାର ଜରିମାନା ଦଣ୍ଡ ମିଳିବ ବୋଲି ଶୁକ୍ରବାର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ଜିଲାପାଳ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲାର ସମସ୍ତ ବିଡିଓ, ତହସିଲଦାରଙ୍କୁ ସହଯୋଗ କରବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସବୁ ବର୍ଗର ଲୋକ, ରାଜନୈତିକ ବ୍ୟକ୍ତିବିଶେଷ, ଜନ ପ୍ରତିନିଧି, ପୋଲିସ, ଅଗ୍ନିଶମ ବିଭାଗ, ସିଆରପିଏଫ୍ ଯବାନଙ୍କ ସମେତ ସରକାରୀ ଓ ବେସରକାରୀ ସଂସ୍ଥା ଜଙ୍ଗଲ ସୁରକ୍ଷା ପାଇଁ ଆଗକୁ ଆସିବାକୁ ଆହ୍ୱାନ କରିଛନ୍ତି। ମୁନିଗୁଡ଼ା ବନାଞ୍ଚଳରେ ବ୍ୟାପକ ଇଟାଭାଟି, ପୋଡୁଚାଷ ଓ ମହୁଲ ସଂଗ୍ରହ ପାଇଁ ନିଆଁ ଲଗାଯାଉଥିବାବେଳେ ପବନରେ ନିଆଁ ବ୍ୟାପୁଥିବା ସନ୍ଦେହ କରାଯାଉଛି। ତେଣୁ ଲୋକଙ୍କୁ ସଚେତନ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ବନ ଅଧିକାରୀ କହିଛନ୍ତି। ଏଥିପୂର୍ବରୁ ମଧ୍ୟ ବିଭିନ୍ନ ରେଞ୍ଜ ଅଞ୍ଚଳରେ ନିଆଁ ଲାଗିଥିବାବେଳେ ସମସ୍ତ ସ୍ଥାନରୁ ନିଆଁ ଲିଭାଯାଇଥିଲା।

## ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା

ଚନ୍ଦାହାଣ୍ଡି, ୧୯।୩(ଡି.ଏନ୍.ଏ.)

ଜଙ୍ଗଲରେ ନିଆଁ ନ ଲଗାଇବାକୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଫଟକି ଗ୍ରାମରେ ବନବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଚନ୍ଦାହାଣ୍ଡି ବନପାଳ ପ୍ରଦୀପ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଝରିଗାଁ ରେଞ୍ଜର ମକୁନ୍ଦ ଦିଶାରୀ, ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ସୁଶାନ୍ତ ମାଝି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡକାବାଜି ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇ ଏକ ପ୍ରଚାର ଗାଡି ନଗର ପରିକ୍ରମା କରିଥିଲା। ଗ୍ରାମବାସୀ ଓ ବନ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ପରେ ଆୟୋଜିତ ଏକ ସଭାରେ ମହୁଲ ଫୁଲ ଗୋଟାଳିଙ୍କୁ ସଚେତନ କରାଯାଇଛି। ମହୁଲ ଗଛତଳେ ନିଆଁ ନଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ମହୁଲ ଗଛ ତଳେ ନିଆଁ ନ ଲଗାଇବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଜଙ୍ଗଲରେ ନିଆଁ ଲାଗିଲେ ବହୁ ମୂଲ୍ୟବାନ ଗଛ ନଷ୍ଟ ହେବା ସହ ଓ ଅନେକ ଜୀବ ପ୍ରାଣ ହରାଉଛନ୍ତି। ଜଙ୍ଗଲ ନଷ୍ଟ ହେଉଥିବା ଯୋଗୁ ହିଂସ୍ର ଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ତେଣୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ବନ ବିଭାଗ ଗ୍ରାମବାସୀଙ୍କୁ ଶପଥପାଠ କରାଇଛି। କାର୍ଯ୍ୟକ୍ରମରେ ଫରେଷ୍ଟ ଗାର୍ଡ ସୁଦର୍ଶନ ଭତ୍ରା, ଜଙ୍ଗଲ ସୁରକ୍ଷା କମିଟି ର ସଭ୍ୟାସଭ୍ୟଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ଜୀବନ ଜୀବିକାରେ ଉନ୍ନତି ଲକ୍ଷ୍ୟ

ରାୟଗଡ଼ା ଅଫିସ,୧୯।୩



କର୍ମଶାଳାରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

- ମିଶନ ଉଦୟ କର୍ମଶାଳା
- ନିଜ ସମାଜର ଉନ୍ନତି ପାଇଁ ଯୁବଗୋଷ୍ଠୀ ଆଗକୁ ଆସନ୍ତୁ: ଜିଲାପାଳ

ଆଦିବାସୀଙ୍କ ଶିକ୍ଷା ଓ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମିଶନ ଉଦୟରେ ଏକ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକଳ୍ପ ପରିଚାଳକ ସ୍ମୃତିସାଥୀ ସାହୁ ପାୱାର ପଏଣ୍ଟ ମାଧ୍ୟମରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ମୁଖ୍ୟତଃ ଗ୍ରାମାଞ୍ଚଳର ଆଦିବାସୀ ଯୁବତୀଯୁବକଙ୍କ ଦକ୍ଷତା ବିକାଶ କରିବା, ଉଦ୍ୟୋଗୀଭାବେ ଗଢ଼ିବା, ବେକାର ଯୁବତୀଯୁବକଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସୃଷ୍ଟି କରିବା, ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା, ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ମିଶନ ଉଦୟରେ ରାୟଗଡ଼ା ଜିଲାର ସମସ୍ତ ୧୧ ବ୍ଲକ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି। ଏବେ ପ୍ରାୟ ୩୩୫ ଜଣକୁ ଏହି ତାଲିମରେ ସାମିଲ କରାଯାଇଛି। ଆଗକୁ ଆହୁରି ୧୦୦ ଜଣଙ୍କୁ ଏଥିରେ ସାମିଲ କରିବାକୁ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମ ୩ ବର୍ଷ ହେଲା ୟୁଏନ୍‌ଏଫ୍‌ପିଏ, କିସ୍, ଆର୍‌ଇସି ଫାଉଣ୍ଡେସନ ଏବଂ ଆର୍‌ଇସି ସହଯୋଗରେ କାର୍ଯ୍ୟ କରୁଛି। କର୍ମଶାଳାରେ ନୂତନ ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ, ଡବ୍ଲ୍ୟୁଓ ୱାହିଦା ବେଗମ୍, ଅତିରିକ୍ତ ଏସ୍‌ପି, ସରପଞ୍ଚ କୁଲି ହାର ପ୍ରସାଦ ହେପ୍ତୁକ ଏବଂ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି କିସ୍ ପକ୍ଷରୁ ପ୍ରକଳ୍ପ ପରିଚାଳକ ସ୍ମୃତିସାଥୀ ସାହୁଙ୍କ ସମେତ ପ୍ରକଳ୍ପ ସଂଯୋଜକ ସବ୍ୟସାଚୀ ରାଉତ, ଆଞ୍ଚଳିକ ସଂଯୋଜକ ରାଜେଶ ପ୍ରଧାନ, ଜିଲା ସଂଯୋଜକ ରନିତ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ନିଜ ବକ୍ତବ୍ୟରେ କହିଥିଲେ, ଆଦିବାସୀ ଯୁବତୀଯୁବକ ନିଜ ସମାଜର ଉନ୍ନତି ଦିଗରେ ଆଗକୁ ଆସନ୍ତୁ। ଉନ୍ନତି ଓ ବିକାଶ ପାଇଁ ଆଦିବାସୀ ସମାଜରୁ ଭଲ ପ୍ରସ୍ତାବ ଆସିଲେ ଏହାକୁ ପ୍ରଶାସନ ସ୍ୱାଗତ କରିବା ସହ ଆବଶ୍ୟକ ସହଯୋଗ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପିଡି ଡିଆର୍‌ଡିଏ ମଧ୍ୟ ଉଦୟ ସାଥୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡ଼ାଧିକାରୀ ଶେଖ୍ ଅଲନୁର ମଧ୍ୟ ଉପସ୍ଥିତ ଥିଲେ।

## ସାଇବର ଠକେଇ: ୯୦ ହଜାର ଲୁଟ୍

ନବରଙ୍ଗପୁର, ୧୯।୩(ବି.ପ୍ର.):

କଷ୍ଟମର କେୟାର କହି ଜଣେ ପୋଲିସ କନ୍‌ଷ୍ଟେବଲଙ୍କଠାରୁ ସମସ୍ତ ତଥ୍ୟ ନେଇ ତାଙ୍କ ଆକାଉଣ୍ଟରୁ ୯୦ ହଜାର ଟଙ୍କା ହଡ଼ପ ହୋଇଛି। ଏ ନେଇ କନ୍‌ଷ୍ଟେବଲ ଜଣକ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ୧୨୬/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କନଷ୍ଟେବଳ ଜିତେନ ହରିଜନ ଫୋନ୍‌ପେ ମାଧ୍ୟମରେ ତାଙ୍କର ଜଣେ ସହଯୋଗୀଙ୍କ ନିକଟକୁ ୫୦ହଜାର ଟଙ୍କା ପଠାଇଥିଲେ। ତାଙ୍କର ଟ୍ରାଞ୍ଜାକ୍‌ସନ ଫେଲ୍ ବୋଲି ଦେଖାଇଥିଲା। ଏହାପରେ ସେ ଫୋନ୍‌ପେ କଷ୍ଟମର କେୟାର ନଂ. କୁ ଫୋନକରି ଜଣାଇଥିଲେ। କିଛି ସମୟ ପରେ କଷ୍ଟମର କେୟାର ଅଧିକାରୀ କହି ତାଙ୍କୁ ଆଉ ଏକ କଲ୍ ଆସିଥିଲା। ସେ ଯେଉଁସବୁ ତଥ୍ୟ ମାଗିଥିଲେ ଜିତେନ ସେ ସବୁ ଦେଇଥିଲେ। ସଙ୍ଗେସଙ୍ଗେ ୪ ଥରରେ ତାଙ୍କ ଆକାଉଣ୍ଟରୁ ୯୦ ହଜାର ଟଙ୍କା ଗାଏବ ହୋଇଗଲା। ଏହାପରେ ସେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ରାମେଶ୍ୱର ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି।

## ପରିବେଶ ସୁରକ୍ଷା ଦିଗରେ ଯୁବଗୋଷ୍ଠୀ ଯତ୍ନବାନ ହୁଅନ୍ତୁ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,୧୯।୩ (ବି.ପ୍ର.)

**ସ୍ୱଚ୍ଛ, ସବୁଜ ଗ୍ରାମ ସମ୍ପର୍କିତ ଯୁବ ପ୍ରଶିକ୍ଷଣ କର୍ମଶାଳା**

ନବରଙ୍ଗପୁର ବ୍ଲକ ଦଶପୁର ଗ୍ରାମରେ ନେହେରୁ ଯୁବକେନ୍ଦ୍ର ଓ ବିଜୟ କ୍ଲବ ମିଳିତ ଆନୁକୂଲ୍ୟରେ ଏକ ଦିନିକିଆ ସ୍ୱଚ୍ଛ ଓ ସବୁଜ ଗ୍ରାମ ସମ୍ପର୍କିତ ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ମୁଖ୍ୟ ଅତିଥି, ଜିଲା କ୍ରୀଡ଼ା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ନବରଙ୍ଗପୁର ମହାବିଦ୍ୟାଳୟ ଅଧକ୍ଷା ଭେଙ୍କଟେଶ୍ୱରୀ, ଦିଲୀପ ହୋତା, ଆଇନଜୀବୀ ସିରାଜୁଦ୍ଦିନ ଅହମ୍ମଦ ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ବି. ରମେଶ ଯୋଗ ଦେଇଥିଲେ। ଗାଁକୁ ସ୍ୱଚ୍ଛ ଓ ସବୁଜଭାବେ ଗଢ଼ି ତୋଳିବାରେ ଯୁବଗୋଷ୍ଠୀଙ୍କ ଗୁରୁଦାୟିତ୍ୱ ରହିଛି। ଏଥିସହ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ଦିଗରେ ମଧ୍ୟ ସେମାନଙ୍କ ସହଯୋଗ ଲୋଡା ବୋଲି ମୁଖ୍ୟ ଅତିଥି କହିଥିଲେ। ଯୁବ ଗୋଷ୍ଠୀଙ୍କ ପାଇଁ କ୍ରୀଡ଼ା ନିହାତି ଜରୁରୀ। ଏବେ ଜଳବାୟୁରେ ପରିବର୍ତ୍ତନ ହେଉଛି। ଯୁବଗୋଷ୍ଠୀ ସଚେତନ ହୋଇ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହୁଅନ୍ତୁ ବୋଲି ସେ ପରାମର୍ଶଦେଇଥିଲେ। ନେହେରୁଯୁବକେନ୍ଦ୍ରର ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଦଶପୁର ବିଜୟ କ୍ଲବର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଗୁଣପୁରର ୨ ପ୍ରତିଯୋଗୀଙ୍କୁ ରୌପ୍ୟ

ଗୁଣପୁର,୧୯।୩(ଡି.ଏନ୍.ଏ.)


ବୃନ୍ଦାବନ ଶବର, ମୁନା ଶବର ଏବଂ ଜଗଦୀଶ ସାହୁ ।

ଛତିଶଗଡ଼ର ଦୁର୍ଗଠାରେ ଚାଲିଥିବା ସର୍ବଭାରତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ରାୟଗଡ଼ା ଜିଲା ଗୁଣପୁରର ଦୁଇ ଖେଳାଳି ରୌପ୍ୟ ପଦକ ପାଇଛନ୍ତି। ଦୁଇ ସଫଳ ଖେଳାଳି ହେଲେ ଜଗଦୀଶ ସାହୁ ଏବଂ ବୃନ୍ଦାବନ ଶବର। ଜଗଦିଶ ୯୪ ବଡି କ୍ୟାଟେଗୋରି ଏବଂ ବୃନ୍ଦାବନ ୫୬ ବଡି କ୍ୟାଟୋଗୋରିରେ ଭାଗନେଇ ଏହି ପଦକ ପାଇଛନ୍ତି। ଉଭୟ ଖେଳାଳି ଡେଡ୍ ଲିଫ୍ଟ ଏବଂ ବେଞ୍ଚପ୍ରେସ ଖେଳରେ ଭାଗନେଇ ଏହି ଗୌରବ ହାସଲ କରିଛନ୍ତି। ଜାତୀୟ ସ୍ତରରେ ଗୁଣପୁରର ଦଇ ଖେଳାଳି ଚମକିବା ପରେ ସେମାନେ ଆନ୍ତର୍ଜାତୀୟ ପ୍ରତିଯୋଗୀତା ନିମନ୍ତେ ଚୟନ ହୋଇଛନ୍ତି। ଦୁଇ ଖେଳାଳିଙ୍କ ଏହି ସଫଳତା ଯୋଗୁ ସେମାନଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି। ଏହି ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ନିମନ୍ତେ ଗୁଣପୁରର ୩ ଖେଳାଳି ଜଗଦୀଶ ସାହୁ, ମୁନା ଶବର ଏବଂ ବୃନ୍ଦାବନ ଶବର ଜିଲାରୁ ମନୋନିତ ହୋଇଥିଲେ। ଦୁର୍ଗର ସ୍ୱାମୀ ବିବେକାନନ୍ଦ ଭବନରେ ହୋଇଥିବା ଏହି ପ୍ରତିଯୋଗିତାର ମାଷ୍ଟର ଥ୍ରୀ ବର୍ଗର ଫାଇନଲ ମ୍ୟାଚ୍‌ର ପ୍ରତିଯୋଗିତାରେ ଦୁଇ ପ୍ରତିଯୋଗୀ ରୌପ୍ୟ ପାଇଛନ୍ତି। ଜଗଦୀଶ ପେଶାରେ ଜଣେ ଶିକ୍ଷକ ହୋଇଥିବାବେଳେ ଶକ୍ତିଉତ୍ତୋଳନ ତାଙ୍କର ନିଶା। ସେହିଭଳି ବୃନ୍ଦାବନ କନିଷ୍ଠ ବର୍ଗର ପ୍ରତିଯୋଗିତାରେ ଭାଗନେଇ ଦ୍ୱିତୀୟ ହୋଇ ରୌପ୍ୟ ପାଇଛନ୍ତି। ଏମାନଙ୍କ ସଫଳତା ପାଇଁ ପ୍ରଶିକ୍ଷଣ ଦେଉଥିବା ଜିମ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ନାୟକ ଖୁସି ବ୍ୟକ୍ତ କରିଛନ୍ତି। ମାର୍ଚ୍ଚ ୧୭ରୁ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ପ୍ରତିଯୋଗିତା ୨୧ରେ ସରିବ।

## ଜମା ଟଙ୍କା ପାଇଁ ଥାନାର ଦ୍ୱାରସ୍ଥ ହେଲେ ଜମାକାରୀ

ମୁନିଗୁଡ଼ା,୧୯।୩(ଡି.ଏନ୍.ଏ.)–

**ସାହାରା ଇଣ୍ଡିଆ ମୁନିଗୁଡ଼ା ଶାଖା କାର୍ଯ୍ୟାଳୟରେ ତାଲା**

ରାୟଗଡ଼ା ଜିଲା ମୁନିଗୁଡ଼ାରୁ ସାହାରା ଇଣ୍ଡିଆ ସଂସ୍ଥା ଲକ୍ଷାଧିକ ଟଙ୍କା ଫେରାଇ ନ ଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମୁନିଗୁଡ଼ା ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ଜମାକାରୀ ସଂସ୍ଥାରେ ଟଙ୍କା ଜମା କରିଥିଲେ। ହେଲେ ଉକ୍ତ ଜମା ଟଙ୍କାର ସମୟସୀମା ପୂରଣ ହୋଇଥିଲେ ମଧ୍ୟ ସଂସ୍ଥା ଟଙ୍କା ଫେରାଇ ନ ଥିବା ଜମାକାରୀ ଲିଖିତ ଅଭିଯୋଗ କରିଛନ୍ତି। ଏବେ କାହା ଝିଅ ବାହାଘର ଆଉ ଅନ୍ୟ ଜରୁରୀ କାମରେ ସଂସ୍ଥାର ମୁନିଗୁଡ଼ା ଶାଖା କାଯ୍ୟାଳୟକୁ ଗଲେ ତାଲା ଝୁଲୁଥିବା ଦେଖି ଚିନ୍ତାରେପ ପଡ଼ିଛନ୍ତି। ଅଞ୍ଚଳର ସଦାନନ୍ଦ ପଣ୍ଡା, ଅଶ୍ୱିନ ରାଉତ, ସୁଶାନ୍ତ ସାହୁ, ଚୈତନ୍ୟ ରାଉତ, ସୁମନ ବେହେରାଙ୍କ ସମେତ ଅନେକ ଜମାକାରୀ ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ଭେଟି ନ୍ୟାୟ ଦାବିରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ରାୟଗଡ଼ା ଜିଲାପାଳ, ଏସ୍‌ପି ଏବଂ ଡିଆଇଜି(ସୁନାବେଡ଼ା)ଙ୍କୁ ପଠାଇଛନ୍ତି।

## ସରିଲା କୃଷି ଓଡ଼ିଶା କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ, ୧୯।୩–

ଭୁବନେଶ୍ୱରଠାରେ ଚାଲିଥିବା ରାଜ୍ୟସ୍ତରୀୟ କୃଷି ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ରାୟଗଡ଼ା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏହାର ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା। ୫ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ଚାଷୀ ଭୁବନେଶ୍ୱରଠାରେ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ରାୟଗଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କୃଷି ବିଭାଗର ୮୦ ଜଣ, ଉଦ୍ୟାନ କୃଷି ବିଭାଗର ୪୦, ପଶୁ ସମ୍ପଦ ବିଭାଗର ୧୦ ଅଧିକାରୀ, କର୍ମଚାରୀ ଏବଂ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ। ସେହିପରି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାର ୫ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଏବଂ ଜିଲାପାଳ ସରୋଜ କୁମାର ମିଶ୍ର ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଚାଷୀଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି।

# ବ୍ରିଜ୍ ତଳକୁ ଝୁଲିରହିଲା ବସ୍

କାଲିମେଲା,୧୯।୩(ଡି.ଏନ.ଏ)


ବ୍ରିଜ୍ ତଳକୁ ଝୁଲି ରହିଥିବା ବସ୍।

ମାଲକାନଗିରି ଜିଲା କାଲିମେଲା ଥାନା କନ୍ୟାଶ୍ରମ ବ୍ରିଜ ଉପରେ ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଦ୍ରୁତ ଗତିରେ ଯାଉଥିବା ବେଳେ ବ୍ରିଜ୍ ଉପରେ ଭାରସାମ୍ୟ ହରାଇ ବ୍ରିଜ କଡକୁ ଖସିଯାଇ ଝୁଲି ରହିଥିଲା। ବସ୍‌ର ଆଗ ଚକା ବ୍ରିଜ ତଳକୁ ଝୁଲି ରହିଛି। ବସ୍‌ରେ ଯାଉଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଉଦ୍ଧାର ପରେ ପ୍ରାୟ ଅଢେଇ ଘଣ୍ଟା ପରେ କ୍ରେନ ଦ୍ୱାରା ବସ୍‌କୁ ଉଦ୍ଧାର କରାଯାଇଥିଲା। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଥିବା ଜଣାପଡିଛି। ବ୍ରିଜ ଉପରେ ବସ୍‌ଟି ଝୁଲି ରହିବାରୁ ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା।

ଖବରରୁ ଜଣାପଡିଛି ୪୦ହରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି ବେଜାଙ୍ଗିବାଡା ଅଞ୍ଚଳରୁ କାଲିମେଲା ଦେଇ ପଡିଆ ଯାଉଥିବା ଘରୋଇ ବସ୍ (ଓଆର ୦୫ଜି–୧୧୫୧) ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ବ୍ରିଜ୍‌ର ଗୋଟିଏ ପାର୍ଶ୍ୱକୁ ମାଡିଯାଇ ଝୁଲି ରହିଥିଲା। ବସ୍‌ଟି ଦ୍ରୁତ ଗତିରେ ଆସୁଥିବାରୁ ବ୍ରିଜ୍ ଉପରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଏପରି ଦୁର୍ଘଟଣା ଘଟିଥିଲା ବୋଲି ଉକ୍ତ ବସ୍‌ର ଯାତ୍ରୀ ଥିବା ଏମଭି–୧୦୦ ଗ୍ରାମର ସୁବାସ ଢାଲି ,ଏମପିଭି–୪୯ ଗ୍ରାମର ରାଖି ସରକାର,ଏମପିଭି–୬୯ ଗ୍ରାମର ବିଚିତ୍ରା ସରକାର,ଏମଭି–୬୧ ଗ୍ରାମର ସୁନୀତି ସରକାର,ଏମପିଭି–୩୦ ଗ୍ରାମର ପ୍ରଶାନ୍ତ ମଣ୍ଡଳ ପ୍ରମୁଖ କହିଛନ୍ତି। କ୍ରେନ ସାହାର୍ଯ୍ୟରେ ବସକୁ ଉଦ୍ଧାର କରାଯିବା ପରେ ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

## ତହସିଲଦାରଙ୍କୁ ୫ହଜାର ଟଙ୍କା ଜରିମାନା କଲେ ଖାଉଟି ଅଦାଲତ

ନବରଙ୍ଗପୁର,୧୯।୩ (ବି.ପ୍ର.)

ନନ୍ଦାହାଣ୍ଡି ତହସିଲଦାରଙ୍କୁ କାର୍ଯ୍ୟରେ ଅବହେଳା କାରଣରୁ ୫ହଜାର ଟଙ୍କା ଜରିମାନା କରିଛି ଜିଲା ଖାଉଟି ଅଦାଲତ। ଉକ୍ତ ଟଙ୍କା ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣା ଅନୁସାରେ ନନ୍ଦାହାଣ୍ଡି ତହସିଲ ଅଧୀନ ଅଣ୍ଟାସର ଗାଁର ଶତ୍ରୁଘ୍ନ ଗରଡା ଆର୍‌ଆଇ ରିପୋର୍ଟ ଏବଂ ସମସ୍ତ ଅର୍ଡର ସିଟର ଅବିକଳ ନକଲ ପାଇଁ ନବରଙ୍ଗପୁରର ଏନ. ପ୍ରେମେଶ୍ୱରନଙ୍କୁ ଲିଖିତ ଭାବେ ପ୍ରାଧିକାର ଅର୍ପଣ କରିଥିଲେ। ଏହାପରେ ଏନ୍. ପରମେଶ୍ୱରନ ନନ୍ଦାହାଣ୍ଡି ତହସିଲଦାରଙ୍କ ନିକଟରେ ଦାଖଲ ଖାରଜ ମାମଲାର ଅବିକଳ ନକଲ ପାଇଁ ୨୦୧୯ ମସିହାରେ ଆବେଦନ କରିଥିଲେ। ତହସିଲ ଅଫିସକୁ ବାରମ୍ବାର ଯିବାପରେ ମଧ୍ୟ ତାଙ୍କୁ ଏହାର ନକଲ ମିଳିନଥିଲା। ସେ ନିରାଶ ହୋଇ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ୨୨୦/୧୯ ରେ ଏ ନେଇ ମାମଲା ରୁଜୁହୋଇ ଥିଲା। ଖାଉଟି ଅଦାଲତ ଉଭୟଙ୍କ ପକ୍ଷ ଶୁଣିବା ପରେ, ନନ୍ଦାହାଣ୍ଡି ତହସିଲଦାରଙ୍କୁ ୫ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି।

## ଜିଲାପାଳଙ୍କ ଅନୁମୋଦନ ପରେ କିଣାଯାଇଛି ବହି

ନବରଙ୍ଗପୁର,୧୯।୩ (ବି.ପ୍ର.)

**ଅନିୟମିତତା ଅଭିଯୋଗକୁ ଖଣ୍ଡନକଲେ ଡିଇଓ**

ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଲାଇବ୍ରେରି (ପାଠାଗାର)କୁ ପୁସ୍ତକ ଯୋଗାଇବାକୁ ସରକାରଙ୍କ ପକ୍ଷରୁ ଜିଲା ଶିକ୍ଷା ବିଭାଗକୁ ଅନୁଦାନ ଯୋଗାଇ ଦିଆଯାଇଥିଲା। ନବରଙ୍ଗପୁରରେ ପୁସ୍ତକ କିଣାରେ ଅନିୟମିତତା କରାଯାଇଥିବା ନେଇ ଶିକ୍ଷକ ସଂଘ ଅଭିଯୋଗ କରିଥିଲା। ଏହାକୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଚନ୍ଦ୍ରଶେଖର ପାଣିଗ୍ରାହୀ ଖଣ୍ଡନ କରିଛନ୍ତି। କ୍ରୟ କମିଟିରେ ପାସ୍ ହେବା ପରେ ଜିଲାପାଳଙ୍କ ଅନୁମୋଦନକ୍ରମେ ପୁସ୍ତକ କିଣାଯିବାକୁ ଅନୁମତି ଦିଆଯାଇଛି ବୋଲି ସେ କହିଛନ୍ତି।

ବହି କିଣିବାକୁ ୨୦୧୯ରେ ୯୩ ଲକ୍ଷ ୨୨ ହଜାର ଟଙ୍କା ସରକାରୀ ଅନୁଦାନ ଆସିଥିଲା। ୨୦୧୯ରେ ଚିଠି ନମ୍ବର ୧୪୯୦/୧୯ ଅନୁଯାୟୀ ଅତିରିକ୍ତ ନିର୍ଦ୍ଦେଶକ ଯୋଜନା, ଓଏସ୍‌ଇପିଏଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ପାଇଁ ନିୟମ ରହିଥିଲା। ବହି କିଣିବାକୁ ହେଲେ କମିଟିର ନିଷ୍ପତ୍ତି ପରେ ଜିଲାପାଳଙ୍କ ଅନୁମୋଦନ ଆବଶ୍ୟକ ବୋଲି ଉଲ୍ଲେଖ ରହିଥିଲା। ସେହି ନିୟମରେ ବହି କିଣାଯାଇଛି ବୋଲି ଡିଇଓ କହିଛନ୍ତି। କମିଟି ନିଷ୍ପତ୍ତି ପ୍ରକାରେ ମନୋନୀତ ପ୍ରକାଶନୀ ସଂସ୍ଥାରୁ ୯୩ ଲକ୍ଷ ୨୨ ହଜାର ଟଙ୍କାର ପୁସ୍ତକ କିଣାଯାଇଛି। ତେବେ ଏନ୍‌ସିଆର୍‌ଟି,ଏନ୍‌ବିଟି ଓ ରାଜ୍ୟ ସରକାରଙ୍କ ପ୍ରକାଶନୀ ସଂସ୍ଥା ଓ ଏସ୍‌ସିଆର୍‌ଟି ସଂସ୍ଥାକୁ ଯୋଗାଯୋଗ କରାଯାଇ ପୁସ୍ତକ କିଣାଯାଇଥିଲା। ଜନନୀ ମାତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାଶ କହିଥିଲେ, ସରକାରଙ୍କ ପକ୍ଷରୁ ୨୦ ହଜାର ଟଙ୍କା ଅନୁଦାନ ଆସିଥିଲା। ୧୭,୬୫୧ଟଙ୍କାର ଲାଇବ୍ରେରି ପୁସ୍ତକ କିଣାଯାଇଛି। ଆମକୁ ୧୫ ପ୍ରତିଶତ ରିହାତି ମିଳିଥିଲା। ୨୬୫୧ ଟଙ୍କା ଛାଡ଼ କରି ବିଲ୍ ଦେବା ପରେ ୧୫ ହଜାର ଟଙ୍କା ଚେକ୍ ଆକାରରେ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିଭଳି ଭତରା ସିଉନୀ ବାଳିକା ଉଚ୍ଚ ବିଦ୍ୟାଳୟ(ଅନୁସୂଚିତ ଜାତି ଓ ଜନଜାତି ବିଭାଗ)ର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ପଚାରିବାରୁ ୧୧ହଜାର ୭୮୭ ଟଙ୍କାରେ ୧୩୯ ଖଣ୍ଡ ପୁସ୍ତକ କିଣାଯାଇଛି। ୧୫ ପ୍ରତିଶତ ଛାଡ଼ କରି ୧୦ହଜାର ଟଙ୍କା ଦିଆଯାଇଥିଲା। ଏଥିରେ କୌଣସି ନଗଦ କରାବାର ହୋଇ ନାହିଁ। ଅନିୟମିତତାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ନବରଙ୍ଗପୁର ଆର୍‌ସିଡି ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ନବରଙ୍ଗପୁର ଜେଇଏଲ୍‌ସି ହାଇସ୍କୁଲ ପ୍ରଧାନ ଶିକ୍ଷକ ଏସ୍. ପାତ୍ର ମଧ୍ୟ ଏହି ଅନିୟମିତତା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ୨୦୧୮–୧୯ ଲାଇବ୍ରେରି ପୁସ୍ତକ କିଣିବା ପାଇଁ ନିର୍ଦ୍ଦେଶକଙ୍କ ଅନୁମୋଦନ ରହିଛି। ୭ ଜଣିଆ କ୍ରୟ କମିଟିର ନିଷ୍ପତ୍ତି ପ୍ରକାରେ ୨୨ ଜାନୁୟାରୀ ୨୦୨୦ରେ ଜିଲାପାଳଙ୍କ ନିକଟକୁ ଫାଇଲ ପଠାଯାଇଥିଲା। ପୁସ୍ତକ କିଣାଯିବା ପାଇଁ ଜିଲାପାଳ ୨୮ ତାରିଖରେ ଅନୁମୋଦନ କରିଥିଲେ। ଏହା ପରେ ବହି କିଣିବାକୁ ଅନୁମତି ଦିଆଯାଇଛି ବୋଲି ଡିଇଓ ପାଣିଗ୍ରାହୀ କହିଛନ୍ତି।

### ୩ ଟ୍ରକ୍ ଚାଳକ ଗଣିଲେ ୩୬.୫ ହଜାର ଜରିମାନା

ଜୟପୁର,(ନି.ପ୍ର.)-ଜୟପୁର ଦେଇ ଯାଇଥିବା ୨୬ନମ୍ବର ଜାତୀୟ ରାଜପଥରେ ଗାଡ଼ି ପାର୍କିଂ ପାଇଁ ବାରଣ ହୋଇଛି। ଏନେଇ ଗାଡ଼ି ମାଲିକଙ୍କୁ ବାରମ୍ବାର ଅବଗତ କରାଯାଉଛି। ଏଥିରୁ ସୁଫଳ ମିଳୁନାହିଁ। ଟ୍ରକ୍ ଓ ବସ୍‌ଗୁଡ଼ିକ ଜାତୀୟ ରାଜପଥରେ ରାସ୍ତା ଅବରୋଧ କରିବା ପରି ରଖୁଛନ୍ତି। ଏନେଇ ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରି ଗୁରୁବାର ଜରିମାନା ଆଦାୟ କରାଯାଇଛି। ୩ଟି ଟ୍ରକ୍‌ର ଚାଳକଙ୍କଠାରୁ ୩୬ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ପ୍ରଥମେ ଗୋଟିଏ ଟ୍ରକ୍‌ରୁ ୫୦୦ ଟଙ୍କା ,ଦ୍ୱିତୀୟ ଟ୍ରକ୍‌ଟି ରାସ୍ତା ଉପରେ ପାର୍କ କରିବା ସହ ତା'ର କାଗଜପତ୍ର ନ ଥିବାରୁ ୧୦ ହଜାର ୫୦୦ ଟଙ୍କା ଏବଂ ତୃତୀୟ ଟ୍ରକ୍ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଇବା ସହ ତାଙ୍କର କାଗଜପତ୍ର ନ ଥିବାରୁ ତାଙ୍କଠାରୁ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ କୁମାର ବେଟି, ନିରୀକ୍ଷକ ପି. ନାଗଭୂଷଣ ରାଓ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୩.୫ କୁଇଣ୍ଟାଲ ଗଞ୍ଜେଇ ଜବତ: ୪ ଗିରଫ

ଲମତାପୁଟ,୧୯।୩(ଡି.ଏନ.ଏ.)-ଲମତାପୁଟ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସଗରଛକ ନିକଟରୁ ୨ଟି ଅଟୋ(ଓଡି୧୦ଇ-୮୦୬୪ ଏବଂ ଓଡି୧୦ ଏନ୍ -୪୬୮୧)ରୁ ୩୫୦ କେଜି ୧୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋରାପୁଟ ଅଞ୍ଚଳର ଗଣେଶ ପ୍ରଧାନ,ଗୋବିନ୍ଦ କିର୍ସାନି, ଶ୍ୟାମ ସିଂ ଓ ରାମପାଲ ସିଂ। ଏମାନେ ଅଟୋରେ ଗଞ୍ଜେଇ ନେଇ ଦ୍ରୁତ ଗତିରେ ଯାଉଥିବା ବେଳେ ପୋଲିସ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ। ଏହି ଗଞ୍ଜେଇକୁ ଅଭିଯୁକ୍ତମାନେ ମହାରାଷ୍ଟ୍ର ଚାଲାଣ କରୁଥିଲେ।

### କୃଷି ଓଡିଶା-୨୦୨୧ର ଉଦ୍‌ଯାପିତ ଜିଲାର ୩୫ ଚାଷୀ ନେଲେ ପ୍ରଶିକ୍ଷଣ

କୋରାପୁଟ,୧୯।୩(ସ୍ୱ.ପ୍ର.)-ଭୁବେନେଶ୍ୱରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା କୃଷି ଓଡିଶା-୨୦୨୧ର ଉଦଯାପନୀ କାର୍ଯ୍ୟକ୍ରମ କୋରାପୁଟ ଜିଲାର ୩୫ ଜଣ ଅଗ୍ରଣୀ ଚାଷୀ ବିଭିନ୍ନ ଚାଷ ଉପରେ ତାଲିମ ଗ୍ରହଣ କରିଛନ୍ତି। ଭିଡିଓ କନଫେରନସ ଜରିଆରେ ସ୍ଥାନୀୟ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରଶିକ୍ଷଣ ନେଇଥିଲେ। ଏଥିରେ କୋରାପୁଟ ଜିଲା ଲମତାପୁଟ, କୋରାପୁଟ, ବୈପାରିଗୁଡା ବ୍ଲକ ର ୩୫ ଜଣ ଚାଷୀ ଛତୁ ଚାଷ, ମାଛ ଚାଷ, ବିଭିନ୍ନ ଚାଷର ପ୍ରଣାଳୀ ଛେଳିପାଳନ ଉପରେ ଯାନ୍ତ୍ରିକ ପ୍ରଶିକ୍ଷଣ ନେଇଥିଲେ । ସହକାରୀ ଜିଲା ଜଳବିଭାଜିକା ନିର୍ଦ୍ଦେଶକ ଅଶୋକ କୁମାର ସେନାପତି ଅଧକ୍ଷତା କରିଥିଲେ। ସହକାରୀ ଯନ୍ତ୍ରୀ ସୋନାଲି ନାୟକ, ଲମତାପୁଟ ମୃତିକା ସଂରକ୍ଷଣ ଅଧିକାରୀ ଶିବ ପ୍ରସାଦ ନାୟକ ଚାଷୀମାନଙ୍କୁପ୍ରଶିକ୍ଷଣ ଦେଇଥିଲେ ।

### ଗଞ୍ଜେଇ ଜବତ: ୩ ଗିରଫ

ଏମ୍‌ଭି ୭୯,୧୯।୩(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ସୀମାନ୍ତ ମୋଟୁଠାରେ ଗାଡ଼ି ମୋଟର ଯାଞ୍ଚ ବେଳେ ଏକ କାର୍(ଏପି୩୯ସିଡି ୮୭୧୬)ରୁ ୩୯ କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ବଜାର ୩ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଗିରଫ ୩ ବ୍ୟକ୍ତି ହେଲେ ଏମ୍‌ପିଭି-୬୫ ଗ୍ରାମର ନିରଞ୍ଜନ ବରାଳ, ଶ୍ୟାମଳ ସରକାର ଏବଂ ଅନ୍ୟ ଜଣେ ଗାଜିଆବାଦ ଅଞ୍ଚଳର ଆବିଦ ମଲ୍ଲିକ ବୋଲି ଜଣା ପଡ଼ୁଛି। ଜବତ ଗଞ୍ଜେଇ ଏମ୍‌ପିଭି-୬୫ ଗ୍ରାମରୁ ଦିଲ୍ଲୀ ଚାଲାଣ ହେଉଥିଲା। ଅଭିଯୁକ୍ତମାନଙ୍କ କାର, ଦୁଇଟି ମୋବାଇଲ ଫୋନ ଏବଂ ଏକ ହଜାର ଟଙ୍କା ଜବତ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ମୋଟୁ ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି।

### ଇଗ୍ନୋ ପକ୍ଷରୁ ଅଧିଗ୍ରହଣ ଉତ୍ସବ

ସେମିଳିଗୁଡ଼ା,୧୯।୩(ସ୍ୱ.ପ୍ର.)-ସେମିଳିଗୁଡ଼ା ଇଗ୍ନୋ ପାଠ୍ୟକେନ୍ଦ୍ର ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ତଥା ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ଇଗ୍ନୋ ଆଞ୍ଚଳିକ କ୍ଷେତ୍ର କୋରାପୁଟର ନିର୍ଦ୍ଦେଶକ ଡ. ଜି. ରାଜଗୋପଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ନବନିଯୁକ୍ତ ଭାରପ୍ରାପ୍ତ ଅଧକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟଙ୍କୁ ପ୍ରଥମେ ସ୍ୱାଗତ କରିଥିଲେ। ୨୦୨୦ ବର୍ଷ ପାଇଁ ନାମଲେଖା କୋଭିଡ୍ ସମୟରେ ହୋଇଥିବାରୁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ୧୨୭ ବିଦ୍ୟାର୍ଥୀ ନୂତନ ରୂପେ ନାମ ଲେଖାଇ ଥିବାରୁ ସଂଯୋଜିକା ଝାନ୍‌ସୀ ସିଂହ ସେମାନଙ୍କ ମନୋବଳକୁ ପ୍ରଶଂସାକରି ସେମାନେ ହିଁ ପ୍ରକୃତ କରୋନା ଯୋଦ୍ଧା ବୋଲି କହିଥିଲେ।

# ମାସକରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେଣି ୧୪୫ ଶିଶୁ

ଜୟପୁର,୧୯।୩ (ନି.ପ୍ର.)

**ପାଣିପାଗର ପରିବର୍ତ୍ତନ ଶିଶୁଙ୍କ ଉପରେ ପ୍ରଭାବ ପକାଉଛି: ଅଧୀକ୍ଷକ**

ଜୟପୁର ଉପଖଣ୍ଡରେ ଏକମାସ ମଧ୍ୟରେ ୧୪୫ ଜଣ ଶିଶୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗୁରୁବାର ଗୋଟିଏ ଦିନରେ ୨୦ରୁ ଅଧିକ ଶିଶୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ଶଯ୍ୟା ଅଭାବରୁ ଏହି ଛୋଟ ଛୁଆମାନେ ତଳେ ଚିକିତ୍ସିତ ହୋଇଥିଲେ। ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ଶିଶୁମାନଙ୍କ ବୟସ ପ୍ରାୟ ଏକ ବର୍ଷରୁ ତିନି ବର୍ଷ ମଧ୍ୟରେ ରହୁଛି। ପାଣି ପାଗ ପରିବର୍ତ୍ତନ କାରଣରୁ ଶିଶୁମାନେ ଝାଡାବାନ୍ତି ର ଆକ୍ରାନ୍ତ ହେଉଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଉଛି। ଏକ ମାସ ହେଲା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଉଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ନେଇନାହିଁ। ଗୁରୁବାର ଗୋଟିଏ ଦିନରେ ୨୦ ଶିଶୁ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେବା ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ପ୍ରମାଣ କରୁଛି। ଏବେ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁ ବିଭାଗରେ ମାତ୍ର ୧୩ଟି ଶଯ୍ୟା ରହିଛି। ଏହି ସଂଖ୍ୟା ବୃଦ୍ଧି କରିବା, ଏହି ୱାର୍ଡରେ କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା ସହ ଚିକିତ୍ସା ନେଇ ଅନ୍ୟାନ୍ୟ ସୁବିଧା କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ପାଣିପାଗ ପରିବର୍ତ୍ତନର ପ୍ରଭାବ ଶିଶୁମାନଙ୍କ ଉପରେ ପଡୁଛି। ଫଳରେ ସେମାନେ ଝାଡାବାନ୍ତି ପରି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିପାଇଁ ଭୟଭିତ ନ ହେବାକୁ ଜୟପୁର ଜିଲା ମେଡିକାଲର ଅଧୀକ୍ଷକ ରବୀନ୍ଦ୍ର ନାଥ ମିଶ୍ର ପରାମର୍ଶ ଦେଇଛନ୍ତି।

# ଜାତୀୟସ୍ତରୀୟ ଶିକ୍ଷା ସମ୍ମିଳନୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମ୍ମାନିତ

କୋରାପୁଟ,୧୯।୩(ସ୍ୱ.ପ୍ର.)



ମଧ୍ୟପ୍ରଦେଶର ଭୋପାଲ ନିକଟସ୍ଥ ନୋରନହା ପ୍ରଶାସନିକ ଓ ମ୍ୟାନେଜମେଣ୍ଟ ଅନୁଷ୍ଠାନରେ ୧୫ରୁ ୧୭ ଯାଏ ଅୟୋଜିତ ଜାତୀୟ ଶିକ୍ଷା ସମ୍ମଳନୀ ତଥା ସାର୍ଥକ ଏଡୁଭିଜନ ଜାତୀୟ ଏକ୍ସପୋ-୨୦୨୧ରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରି ସମ୍ମାନିତ ହୋଇଛି। ଭାରତୀୟ ଶିଖସନ ମଣ୍ଡଳ, ମଧ୍ୟପ୍ରଦେଶ ସରକାର , ୟୁଜିସି, ଏଆଇସିଟିଇର ମିଳିତ ଅନୁକୂଲ୍ୟରେ ଆୟୋଜିତ ଏହି ଜାତୀୟ ସମ୍ମଳନୀରେ ଭାରତର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା, ଜାତୀୟ ଶିକ୍ଷା ନୀତି ଓ ଆଗାମୀ ଦିନରେ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏଥିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ଡ.ସୌରଭ ଗୁପ୍ତା ଓ ସେକସନ ଅଧିକାରୀ ଶିବାରାମ ପାତ୍ର ଯୋଗଦେଇ ଥିଲେ। ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପରିବହନ ବିଭାଗର ମନ୍ତ୍ରୀ ନୀତନ ଗଡକରି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ୟୁଜିସିର ଅଧକ୍ଷ ଡିପି ସିଂହ, ଏଆଇସିଟିଇର ଅଧକ୍ଷ ଡ. ଅନିଲ ସହସ୍ରବୁଦ୍ଧି , ଭାରେତୀୟ ସଖସନ ମଣ୍ଡଳର ସଭାପତି ଡ. ସଚ୍ଚିଦାନନ୍ଦ ଯୋଶୀ ପ୍ରମୁଖ ଉପସ୍ଥିତ ଥିବା ଲୋକ ସଂପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ସେମାନଙ୍କ ନିଃସ୍ୱାର୍ଥପର ସେବା ଆମକୁ ସଫଳତା ଦେଇଛି




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମାଲକାନଗିରି,୧୯।୩ (ଡି.ଏନ୍.ଏ.)

**ଜିଲାସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି ସମ୍ମେଳନ**

ମାଲକାନଗିରି ସଂସ୍କୃତି ଭବନଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲା ସ୍ୱାସ୍ଥ୍ୟ ସମିତିର ମିଳିତ ଉଦ୍ୟମରେ ଶୁକ୍ରବାର ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମେଳନ ଅନୁଷ୍ଠିତ ହୋଇଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମେଳନରେ ଜିଲା ପରିଷଦ ସଭାପତି ଦଶରଥ ପଡ଼ିଆମି, ଜିଲାପାଳ ଡ.ୱାଇ.ବିଜୟ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ଧ୍ୟାରାଣୀ ପଟ୍ଟନାୟକ, ଗ୍ରାମ୍ୟ ଜଳ ଓ ପରିମଳ ମିଶନର ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ( ପରିବାର କଲ୍ୟାଣ) ଡା.ଶଶୀ ଭୂଷଣ ମହାପାତ୍ର, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଧନୁର୍ଜୟ ମହନ୍ତ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଶିବ ପ୍ରସାଦ ମହାରଣା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପରିଚାଳକ ବନ ବିହାରୀ ମିଶ୍ର, ମ୍ୟାଲେରିଆ ପରାମର୍ଶଦାତା ଅଜିତ କୁମାର ଦଳାଇ ଓ ଆଶା ସହକାରୀ ପରିଚାଳକ ସଂଗ୍ରାମ କେଶରୀ ପଣ୍ଡା ଯୋଗ ଦେଇ ଆଶା କର୍ମୀ , ଅଙ୍ଗନୱାଡ଼ି କର୍ମୀଙ୍କ ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ଯୋଗୁ ଆମେ ଅତୀତରେ ଜାପାନିଜ ଏନସେଫାଲାଇସକୁ ପ୍ରତିହତ କରିବାରେ ସଫଳ ହୋଇଛେ। ମ୍ୟାଲେରିଆର ମୁକାବିଲା କ୍ଷେତ୍ରରେ ମଧ ସଫଳ ହୋଇଛୁ ବୋଲି କହିଥିଲେ । ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ନିଃସ୍ୱାର୍ଥପର ସେବା ଯୋଗୁ ଆମେ କୋଭିଡ-୧୯ର ମୁକାବିଲା କ୍ଷେତ୍ରରେ ସଫଳତା ପାଇଛୁ । କୋଭିଡ ସମୟରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଜିଲାର ୩ ଜଣ ଆଶା କର୍ମୀ ମୃତ୍ୟୁବରଣ କରିଛନ୍ତି। ସ୍ୱାସ୍ଥ୍ୟ ସେବା ସହ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟରେ ଏହି ଆଗ ଧାଡ଼ିର ଯୋଦ୍ଧାମାନେ ନିଜର କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କରି ଆସିଛନ୍ତି ବୋଲି ଅତିଥିମାନେ ପ୍ରକାଶ କରି ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୋଭିଡ ସମୟରେ ଉଲ୍ଲେଖନୀୟ ସେବା ପାଇଁ ଆଶା, ଅଙ୍ଗନୱାଡ଼ି, ନର୍ସ ଓ ଗାଁ କଲ୍ୟାଣ ସମିତି, ସୁସ୍ଥ ଗ୍ରାମ ଓ ସୁସ୍ଥ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା ।

### ସୁନାଗହଣା ଜବତ: ଜଣେ ଗିରଫ

କୋରାପୁଟ,୧୯।୩(ସ୍ୱ.ପ୍ର.)-କୋରାପୁଟ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଜବତ କରି ତାଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଇନ୍ଦିରା ଆବାସ କଲୋନୀ ଅଞ୍ଚଳର ସୁନୀଲ ଖରା(୨୪)। ସେ ବିଭିନ୍ନ ସମୟରେ ଲୁଟ୍ କରିଥିବା ଦୁଇଟି ସୁନାଚେନ୍ ଜବତ କରାଯାଇଥିବା ଏସ୍‌ଡିପିଓ ଗୁଣନିଧି ମଲିକ କହିଛନ୍ତି। ଗତ ୪ ରେ ହାଉସିଂ ବୋର୍ଡ କଲୋନୀଠାରେ ରାଧାକୃଷ୍ଣ ଶତପଥୀ ଦୋକାନରେ ବସିଥିବାବେଳେ ଲୁଟେରା ଜଣକ ତାଙ୍କଠାରୁ ସୁନାଚେନ ଲୁଟି ନେଇଥିବା ବେଳେ ୧୫ରେ କୋରାପୁଟ ଭାଣ୍ଡିସାହି ଅଞ୍ଚଳର ବୃନ୍ଦାବନ ବେହେରାଙ୍କଠାରୁ ମଧ ଲୁଟେରା ସୁନାଚେନ ଲୁଟି ନେଇଥିଲେ। ଏନେଇ ଟାଉନ ଥାନାରେ ଏତଲା ପରେ ପୋଲିସ ୭୬/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ସିଆର୍‌ପିଏଫ୍ ଯବାନଙ୍କ ଦିଲ୍ଲୀରେ ମୃତ୍ୟୁ

ଟିକିରି,୧୯।୩(ଡି.ଏନ୍.ଏ.)

ସିଆର୍‌ପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଭାବେ କାର୍ଯ୍ୟରତ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୋଡ଼ିପାରି ଗ୍ରାମର ଜେମ୍‌ସ ଦାସ ନାୟକଙ୍କ ଦିଲ୍ଲୀରେ ମୃତ୍ୟୁ ଘଟିଛି। ଏସ୍‌ଜି ପ୍ରି-ଇଣ୍ଡକ୍ସନ୍ ଟେଷ୍ଟବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରି-ଇଣ୍ଡକ୍ସନ୍‌ବେଳେ ସେ ୨.୪ କି.ମି. ଦୌଡ଼ିଥିବାବେଳେ ଦୌଡ଼ ଶେଷ ପୂର୍ବରୁ ଜେମ୍‌ସ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ଦିଲ୍ଲୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେଡାକ୍ତରତାଙ୍କୁମୃତଘୋଷଣାକରିଥିଲେ।

### ତେନ୍ତୁଳିଗମ୍ମାରେ ଜନ ସମ୍ପର୍କ ଶିବିର

ବୈପାରିଗୁଡା,୧୯।୩ (ଡି.ଏନ୍.ଏ.)-ବୈପାରିଗୁଡା ବ୍ଲକ ତେନ୍ତୁଳିଗମ୍ମାଠାରେ ବିଏସ୍‌ଏଫ୍ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଅନଷ୍ଠିତ ହୋଇଛି। ବିଏସ୍‌ଏଫ୍-୬୦ ବାଟାଲିୟନ ପକ୍ଷରୁ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ। ବିଏସ୍‌ଏଫ୍ ଡିଆଇଜି ଏସ୍‌କେ ସିଂ,କମାଣ୍ଡାଣ୍ଟ ତୀର୍ଥ ଆଚାର୍ଯ୍ୟ,ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଭୂଷଣ, ସରପଞ୍ଚ ବଦ୍ରା ନାୟକ ପ୍ରମୁଖ ଯୋଗଦେଇଥିଲେ। ସୀମା ସୁରକ୍ଷା ବାହିନୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସମ୍ପର୍କ ମଜଭୁତ କରିବା ଏହି ଶିବିରର ମୁଖ୍ୟ ଉଦେଶ୍ୟ ବୋଲି ଡିଆଇଜି ସୂଚନା ଦେଇଥିଲେ ।





**APPOINTMENT**
DOOROOMI MEDICAL PVT. LTD.
Required Smart Boys & Girls Candidates for Office Job.
Age: 18 - 30
Education: Matric to Graduate
108, Khandagiri Hill Road Bhubaneswar-30
9348916882

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨୦୦ ପଢିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 8800571120

**WANTED**
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ ।
କମଲ ପ୍ଲେସ୍‌ମେଣ୍ଟ, ସୁରତ୍, ଗୁଜୁରାଟ
CONTACT : 9157312448

**RMC PVT. LTD.**
A well established construction company in Bhubaneswar urgently requires.
1. ACCOUNTANT: B.Com. with 2 years experience.
2. MARKETING MANAGER: MBA, experience in realestate sector.
3. RECEPTIONIST: 1 No. (Female)
4. OFFICE BOY: 2 Nos.
Contact:
9337469627 / 6371761144
E-mail:
rmcpl.hr@gmail.com

ଭୁବନେଶ୍ୱରସ୍ଥିତ
**PETROL PUMP**
ରେ ତେଲ ପକାଇବା ନିମନ୍ତେ ମହିଳା ପ୍ରାର୍ଥୀ ଆବଶ୍ୟକ
ଦରମା : ୧୩,୦୦୦/-
ବୟସ : ୨୨ ରୁ ୩୫ ବର୍ଷ
ଯୋଗାଯୋଗ : 9861925500
ସମୟ (ସକାଳ ୧୦ ଠାରୁ- ସନ୍ଧ୍ୟା ୬ଟା)

See Career Appointment on every Wednesday & Saturday


# ୫ ସ୍ଥାନରେ ନାହାନ୍ତି ଗ୍ରାମ୍ୟ କୃଷି ଅଧିକାରୀ

କୁନ୍ଦୁରା, ୧୯।୩ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ରବି ଏବଂ ଖରିଫ ଋତୁ ସେମାନଙ୍କୁ ରୋଜଗାର ଦେଇଥାଏ। ମାତ୍ର ଚାଷୀଙ୍କୁ ଦିଗଦର୍ଶନ ଦେବା ଲାଗି କୁନ୍ଦୁରା ବ୍ଲକର ୫ଟି କୃଷି ଜୋନ୍ ଲିମା, ଆସନା, କେରିମିଟି, ପଖନାଗୁଡା ଏବଂ ଫୁଲଭଟ୍ଟାରେ ଗ୍ରାମ୍ୟ କୃଷି ଅଧିକାରୀ ନାହାନ୍ତି। ବାଗଦେରୀ, ଗୁଣ୍ଡାଳ, ଗିର୍ଲିଗୁଡା, କେରିମିଟି ଏବଂ କୁନ୍ଦୁରାଠାରେ କାର୍ଯ୍ୟରତ କୃଷି ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ଜିଲା କୃଷି ଅଧିକାରୀ ଚୁପ୍ ରହିଛନ୍ତି। ଚଳିତ ସପ୍ତାହରେ ଜିଲା କୃଷି ଅଧିକାରୀ ପୁପୁଗାଁ, ଘଷଡା ଏବଂ ଘୁମର ଅଞ୍ଚଳରେ ୭ ଜଣ ନୂତନ ଗ୍ରାମ୍ୟ କୃଷି ଅଧିକାରୀଙ୍କୁ ନିଯୁକ୍ତି ଦେଇଥିବାବେଳେ ଲିମା, ଆସନା, କେରିମିଟି, ପଖନାଗୁଡା ଏବଂ ଫୁଲଭଟ୍ଟା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଆମ ଅଞ୍ଚଳ ପ୍ରତି ହେଉଥିବା ବୈମାତୃକ ମନୋଭାବ ସମ୍ପର୍କରେ ଆମେ ଜିଲାପାଳ, କୃଷିମନ୍ତ୍ରୀ, କୃଷି ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବୁ ବୋଲି ବଦ୍ରି ନାରାୟଣ ଆଚାର୍ଯ୍ୟ, ଭଗବାନ ପଣ୍ଡା, ନାରାୟଣ ବିଶୋୟୀ, ଅର୍ଜୁନ ବିଶୋୟୀ, ତରୁଣି ବିଶୋୟୀ, ପତିତପାବନ ଆଚାର୍ଯ୍ୟ, ଭାସ୍କର ବିଶୋୟୀ ପ୍ରମୁଖ କହିଛନ୍ତି। କୁନ୍ଦୁରା ବ୍ଲକର ଲୋକେ ପନିପରିବା, ମକା, ବିରି, ଅଳସୀ, ସୂର୍ଯ୍ୟମୁଖୀ, ଧାନଚାଷ କରନ୍ତି। ବର୍ତ୍ତମାନ ସମୟର ଚାଷପଦ୍ଧତିଗୁଡିକ ବିଷୟରେ ଜାଣିପାରୁ ନ ଥିବାରୁ କୃଷି ବିଭାଗର ସହାୟତା ଆବଶ୍ୟକ ପଡିଥାଏ। ମାତ୍ର ଜିଲା କୃଷି ବିଭାଗ କୁନ୍ଦୁରା ବ୍ଲକ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଚାଷୀ ନରେନ୍ଦ୍ର ପ୍ରଧାନ, ତ୍ରିନାଥ ବିଶୋୟୀ, ଦିବାକର ବିଶୋୟୀଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି।

# ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ଦାବିକଲେ ଏମ୍‌ପି

ମାଲକାନଗିରି/ନବରଙ୍ଗପୁର, ୧୯।୩(ଡି.ଏନ୍.ଏ./ବି.ପ୍ର.)

**ନବରଙ୍ଗପୁର, ମାଲକାନଗିରିରେ ଖୋଲୁ ସୈନିକ ସ୍କୁଲ**

ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ଦୁଇଟି ସୈନିକ ବିଦ୍ୟାଳୟ ଖୋଲିବା ପାଇଁ ନବରଙ୍ଗପୁର ଏମ୍‌ପି ରମେଶ ମାଝି ଗୁରୁବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏମ୍‌ପି ମାଝି ଏଥିରେ ଦର୍ଶାଇଛନ୍ତ ଯେ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲା ଏକ ଉପାନ୍ତ ଜିଲା ରୂପେ ପରିଚିତ। ଏହି ଦୁଇ ଜିଲା ସୀମାନ୍ତ ଆନ୍ଧ୍ର, ଛତିଶଗଡ଼, ତେଲଙ୍ଗାନାକୁ ଲାଗି ରହିଛି। ଆଦିବାସୀ ଏବଂ ମାଓବାଦୀ ପ୍ରବଣ ଜିଲା ହୋଇଥିବାରୁ ଏହି ଜିଲାର ଅନେକ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଏବଂ ପ୍ରତିରକ୍ଷା ବିଭାଗରେ ଯୋଗ ଦେଇପାରୁନାହାନ୍ତି। ପ୍ରତିରକ୍ଷା ବିଭାଗ ଏହାକୁ ବିଚାରକୁ ନେଇ ମାଲକାନଗିରି ଏବଂ ନବରଙ୍ଗପୁରଠାରେ ଦୁଇଟି ସୈନିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେ ଅନୁରୋଧ କରିଛନ୍ତି। ଏହା ପ୍ରତିଷ୍ଠା ହୋଇପାରିଲେ ଉଭୟ ଜିଲାର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଏମ୍‌ପି ଉଲ୍ଲେଖ କରିଛନ୍ତି।

# ୩ଦିନ ବିତିଲାଣି ଟଳୁନି ସମସ୍ୟା

ଦାମନଯୋଡି,୧୯।୩(ଡି.ଏନ.ଏ.)



କୋରାପୁଟ ଜିଲା ନାଲକୋ ବିସ୍ଥାପିତ ଅଁଳାବାଡି କୋଲନୀ ଛକଠାରେ ତିନି ଦିନ ଧରି ଶତାଧିକ ମହିଳା ରାସ୍ତାରୋକୋ କରିଛନ୍ତି। ଚାକିରି ଦିଅ ନ ହେଲେ ଜମି ଫେରାଅ ଦାବିରେ ସେମାନେ ଏହି ଆନ୍ଦୋଳନ ଆରମ୍ଭ କରିଛନ୍ତି। ତିନି ଦିନ ବିତି ଯାଇଥିଲେ ମଧ ନାଲକୋ ପ୍ରଶାସନ, ଜିଲା ପ୍ରଶାସନ ଓ ବିସ୍ଥାପିତଙ୍କ ମଧ୍ୟରେ କିଛି ଆଲୋଚନାର ବାଟ ଫିଟିପାରି ନାହିଁ। ଏଥିଯୋଗୁ ନାଲକୋର ବକ୍ସାଇଟ ଉତ୍ତୋଳନରେ ବାଧା ସୃଷ୍ଟି ହୋଇ କୋଟି କୋଟି ଟଙ୍କା କ୍ଷତି ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଉପ ଜିଲାପାଳ ଲଳିତ କହଁର, କୋରାପୁଟ ତହସିଲଦାର ରଞ୍ଜନ କୁମାର ମାନସେଠ ଘଟଣା ସ୍ଥଳରେ ପହଞ୍ଚି ବିସ୍ଥାପିତ ଓ ନାଲକୋ ପ୍ରଶାସନ ମଧ୍ୟରେ ଆଲୋଚନା କରିବାକୁ ଉଦ୍ୟମ କରିଛନ୍ତି। ସୁନାବେଡା ଏସଡିପିଓ ନିରଞ୍ଜନ ବେହେରା, ଦାମନଯୋଡି ଆଇଆଇସି ସମ୍ବିତ କୁମାର ବେହେରାଙ୍କ ସମେତ ପଟ୍ଟାଙ୍ଗୀ, ସେମିଳିଗୁଡା,ସୁନାବେଡା ଆଇଆଇସି ଘଟଣା ସ୍ଥଳରେ ରହି ଆଇନ ଶୃଙ୍ଖଳା ଉପରେ ନଜର ରଖିଛନ୍ତି। ଦୁଇ ପ୍ଲାଟୁନ ମହିଳା ପୋଲିସ ମଧ ନିୟୋଜିତ ହୋଇଛନ୍ତି। ଜିଲା ପ୍ରଶାସନ ଆନ୍ଦୋଳନକାରୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।




